# ଭ୍ୟାନରୁ ମିଳିଲା ୪ ଲକ୍ଷ

ନୂଆପଡ଼ା,(ସବ୍ୟୁ): ନିର୍ବାଚନ ସମୟ ଚାଲିଥିବା ଯୋଗୁ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ପୁଲିସ୍ ପକ୍ଷରୁ ଗାଡ଼ିଗୁଡ଼ିକୁ ଚେକିଂ କରାଯାଉଛି। ଏହି କ୍ରମରେ ଶୁକ୍ରବାର ରାଜ୍ୟର ଦୁଇଟି ସ୍ଥାନରୁ ପୁଲିସ୍ ୨୪ ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି। ସେହିପରି ନୂଆପଡ଼ା-ବରଗଡ଼ ଜିଲ୍ଲା ସୀମାନ୍ତ ନୂଆପଡ଼ା ପୁଲିସର ସାହିପଲା ଚେକ୍ ପୋଷ୍ଟ ନିକଟରେ ବ୍ଲକିଂ ଚେକିଂ ଚାଲିଥିବା ବେଳେ ଏକ ଭ୍ୟାନରୁ ୪ ଲକ୍ଷ ୮୯ ହଜାର ଟଙ୍କା ଜବତ ହୋଇଛି। ବରଗଡ ଜିଲ୍ଲାରୁ ନୂଆପଡ଼ା ଅଭିମୁଖେ ଏହି




ଭ୍ୟାନଟି ଆସୁଥିବା ବେଳେ ନୂଆପଡ଼ା ପୁଲିସ ଏହାକୁ ଯାଞ୍ଚ କରିଥିଲା। ପୁଲିସ୍ ଗାଡ଼ିରୁ ମିଳିଥିବା ୪ ଲକ୍ଷ ୮୯ ହଜାର ଟଙ୍କା ଜବତ କରିଥିବା ବେଳେ ୨ ଜଣଙ୍କୁ ଅଟକ ରଖିଛି। ଅଟକ ବ୍ୟକ୍ତି ଦ୍ୱୟ ନୂଆପଡ଼ା ଜିଲ୍ଲା ଖରିଆର ରୋଡ଼ର ବୋଲି ଜଣାପଡ଼ିଛି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ଥାନା ଗମ୍ଭାରୀ ଗ୍ରାମର କନିଷ୍କ ଗଡତ୍ୟା (୪୮) ଘରୋଇ ଗଣ୍ଡୋଗଲକୁ କେନ୍ଦ୍ର କରି ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି । ଏନେଇ କନିସ୍କଙ୍କ ଭାଇ ଯାଦବ ଗଡତ୍ୟା ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣା ସ୍ଥଳକୁ ଯାଇ ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ପ୍ରାଥମିକ ତଦନ୍ତରୁ କନିସ୍କ ଆତ୍ମହତ୍ୟା କରିଥିବା ପ୍ରକାଶ କରିଛି । ପଞ୍ଚନାମା ପରେ ଶବକୁ ପରିବାରର ବର୍ଗଙ୍କୁ ହସ୍ତାନ୍ତର କରିଥିବା ବେଳେ ଖପ୍ରାଖୋଲ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଏସ ଆଇ ନାରାୟଣ ସାହୁ ପ୍ରକାଶ କରିଛନ୍ତି।

## ଭାରସାମ୍ୟ ହରାଇ ଗଛରେ ପିଟିଲା ବାଇକ, ଯୁବକ ମୃତ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅନ୍ତର୍ଗତ ଫୁଲୁକିମୁଣ୍ଡା ବଜାର ନିକଟ ବୁଲାଣି ରେ ହିରୋ ଗାଡ଼ି ନମ୍ବର ଓଡି ୦୩ ଏଲ ୭୫୫୪ ବାଇକ ଭାରସାମ୍ୟ ହରାଇ ପିଟି ହେବା ଫଳରେ ଯୁବକ ମୃତ୍ୟୁ ହୋଇଛି । ମିଳିଥିବା ସୂଚନା ଅନୁସାରେ ଖପ୍ରାଖୋଲ ପଟୁ ଆକାଶ ସାହୁ (୧୮) ନିଜ ଗ୍ରାମ ଗୁର୍ଜିଭଟାରୁ ଲାଠୋର ଗ୍ରାମ ପଟକୁ କୌଣସି କାମରେ ଯାଉଥିବା ସମୟରେ ଫୁଲୁକିମୁଣ୍ଡା ବଜାର ନିକଟ ବୁଲାଣିରେ ଥିବା ଗଛରେ ପିଟି ହେବା ଫଳରେ ମୃତ୍ୟୁ ହୋଇଥିବା ଜଣାପଡିଛି । ଘଟଣାକୁ ନିଜ ସାଙ୍ଗ ମାନେ ପହଞ୍ଚି ଯୁବକ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ଅମବୁଲାନ୍ସ ରେ ଖପ୍ରାଖୋଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚାଇଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଯୁବକ ମୃତ ହୋଇଥିବା ଘୋଷଣା କରିଥିଲେ । ଡ଼ାକ୍ତର ଖନକୁ ଲାଠୋର ଥାନା ପୋଲିସ ପହଞ୍ଚି ଶବକୁ ଜବତ କରି ଶବର ପଞ୍ଚନାମା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ଏନେଇ ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କୁ ପଚାରିବାରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ।

## ଷଷ୍ଠ ପୁରୋହିତଙ୍କ ନାମାଙ୍କନପତ୍ର ଦାଖଲ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ଓଡିଶା ସିଟିଜେନ ପାର୍ଟି ପକ୍ଷରୁ ବୌଦ୍ଧ ସହରର ବାବୁସାହିର ଅବସର ପ୍ରାପ୍ତ ଶିକ୍ଷକ ଷଷ୍ଠ କୁମାର ପୁରୋହିତ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେ ସର୍ମଥକଙ୍କ ସହ ଯାଇ ବୌଦ୍ଧ ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କପତ୍ର ଦାଖଲ କରିଛନ୍ତି ।

## ଆନ୍ତର୍ଜାତିକ ନୃତ୍ୟ ଦିବସ ପାଳିତ

ଭବାନୀପାଟଣା,(ସବ୍ୟୁ): କାହିଁ କେଉଁ ଅନାଦି କାଳରୁ ନୃତ୍ୟ ସଙ୍ଗୀତକୁ ମନୋରଞ୍ଜନର ଉତ୍ତମ ମାଧ୍ୟମ ରୂପେ ଗ୍ରହଣ କରିଆସିଛି ମାନବ ସମାଜ। ବିଶେଷ କରି ନୃତ୍ୟର ଆଦର ଯେ କେଉଁ ପୁରାଣ ଯୁଗରୁ ସମାଜରେ ରହି ଆସିଛି ସେକଥା ରାମାୟଣ ମହାଭାରତ ରେ ମଧ ଦେଖିବାକୁ ମିଳେ। ଆନ୍ତର୍ଜାତିକ ନୃତ୍ୟ ଦିବସ ଉପଲକ୍ଷେ ସ୍ଥାନୀୟ ସିନେପ୍ଲେକ୍ସ ଠାରେ ସ୍ଥାନୀୟ ଦି ଆନ୍ କେପଡ୍ ଆର୍ଟିଷ୍ଟ ସଂସ୍ଥା ପକ୍ଷରୁ ଏକ ମନୋଜ୍ଞ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭବାନୀପାଟଣା ସହରର ବିଭିନ୍ନ ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ଓ ବିଦ୍ୟାଳୟର ଶତାଧିକ କୁନିକୁନି ନୃତ୍ୟ ଶିଳ୍ପୀମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ତଥା ସ୍ଥାନୀୟ ସାଂଧ୍ୟ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ପ୍ରତିଭା ଅନୁଷ୍ଠାନର ସଭାପତି ତଥା ନୃତ୍ୟ ଗୁରୁ ଧ୍ୟାନାନନ୍ଦ ପଣ୍ଡା ଓ କବିୟତ୍ରୀ ନୁପୁର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ନୃତ୍ୟଶିଳ୍ପୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମରେ ସହରର ଜେକେ ଡ୍ୟାନ୍ସ ଗ୍ରୁପ, ଏମ୍ ଏମ୍ ଡେନ୍ସ ଗ୍ରୁପ, ସକ୍ଷମ ଡେନ୍ସ ଏକାଡେମୀ, ବୃନ୍ଦାବନ ସ୍ମାର୍ଟ ସ୍କୁଲ, କ୍ରିଏଟିଭ କଲଚରାଲ୍ ଏକାଡେମୀ, ଅର୍ଚ୍ଚିତା ଡେନ୍ସ ଗ୍ରୁପର ଜୁନିୟର ଓ ସବ୍ ଜୁନିୟର ଗ୍ରୁପର ଶତାଧିକ କୁନି କଳାକାର ମାନେ ଚମତ୍କାର ନୃତ୍ୟ ପ୍ରଦର୍ଶନ କରି ଅତିଥି ଓ ଅଭିଭାବକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଆୟୋଜକ ଆନ୍ କେପଡ୍ ଆର୍ଟିଷ୍ଟସ୍ ଗ୍ରୁପର ଲିପ୍ସାରାଣୀ ବାରିକ,ଶତାବ୍ଦୀ ନାଏକ, ସତ୍ୟ ପ୍ରକାଶ ଭୋଇ, ମନମୋହନ ସିଂ, ଆଲୋକ କୁମାର ସାହୁ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଦୀର୍ଘ ତିନି ବର୍ଷ ଧରି ଏହି କାର୍ଯ୍ୟକ୍ରମ ଯୁବ ନୃତ୍ୟ ଶିଳ୍ପୀ ମାନଙ୍କ ଉଦ୍ୟମ କ୍ରମେ ପାଳିତ ହୋଇଆସୁଛି ।

# ରାୟଗଡ଼ାରେ କଂଗ୍ରେସର ବିଶାଳ ସମାବେଶ

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ଶୁକ୍ରବାର ରାହୁଲ ଗାନ୍ଧୀ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ନେଇ ପ୍ରସ୍ତୁତି ହୋଇଥିଲା । କିନ୍ତୁ କାର୍ଯ୍ୟକ୍ରମ ପରିବର୍ତ୍ତନ ହେବା ଫଳରେ ନିଜ ପ୍ରାର୍ଥିପତ୍ର ରାଇବରେଲି ସଂସଦୀୟ ଆସନରୁ କରିବାକୁ ପଡ଼ିଲା । ସେହି କାରଣରୁ ରାହୁଲଙ୍କ କାର୍ଯ୍ୟକ୍ରମ ବାତିଲ କରିବାକୁ ପଡ଼ିଲା । ରାହୁଲ ନିଜେ ନଆସିଥିଲେ ମଧ୍ୟ ଭିସି ଜରିଆରେ ନିଜ ଅଭିଭାଷଣ ରଖିଥିଲେ । ଭର୍ଚୁଆଲ ମାଧ୍ୟମରେ ଲୋକଙ୍କୁ ସମ୍ବୋଧନ କରିବା ନେଇ ଘୋଷଣା ହେବା ପରେ କିଛିଟା ଆଶ୍ୱସ୍ତ ହୋଇଥିଲେ କର୍ମୀ । ଫଳରେ ଏହି ଭିଡ଼ ଏଭଳି ଥିଲା ଯାହାକି ସମସ୍ତଙ୍କୁ ଚକିତ କରିଦେବା ଭଳି ହୋଇଥିବା ବେଳେ ପ୍ରାୟ ୭୫ହଜାରରୁ ଉର୍ଦ୍ଧ ଲୋକ ସମାବେଶରେ ଯୋଗଦେଇ କଂଗ୍ରେସର ବିଶାଳ ସମାବେଶକୁ ସଫଳ କରାଇଥିଲେ ।



କାର୍ଯ୍ୟକ୍ରମରେ ବହୁ ଜାତୀୟସ୍ତରର କଂଗ୍ରେସ ନେତାମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଜାତୀୟ କଂଗ୍ରେସର ସାଧାରଣ ସମ୍ପାଦକ ତଥା ଓଡିଶା ପ୍ରଭାରୀ ଅଜୟ କୁମାର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ,ରାଜ୍ୟ କଂଗ୍ରେସର ସଭାପତି ଶରତ ପଟ୍ଟନାୟକ, ତାରା ପ୍ରସାଦ ବାହିନୀପତି, ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ତେଲେଙ୍ଗାନାର ଉପ ମୁଖ୍ୟମନ୍ତ୍ରୀ ମାଲୁ ଭାଟ୍ଟୀ ବିକ୍ରମାର୍କ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ,ସଧାରଣ ସମ୍ପାଦକ ଶାହନୱାଜ ଚୌଧୁରୀ, ବିଶ୍ୱ ରଞ୍ଜନ ମହାନ୍ତିଙ୍କ ସହ ଅବିଭକ୍ତ କୋରାପୁଟ ଜିଲ୍ଲାର ୭ଟି ବିଧାନସଭାର ୭ ଜଣ ପ୍ରାର୍ଥୀ ଏହି ସମାବେଶରେ ଉପସ୍ଥିତ ଥିଲେ । ଏହି ସମାବେଶ ଯେଉଁ ଭଳି ଭାବରେ ହୋଇଥିଲା ତାହା ପ୍ରତିଦ୍ୱନ୍ଦୀଙ୍କ ନିଦ ହଜେଇ ଦେବା ସଦୃଶ୍ୟ। ଏହି ସମାବେଶରେ ତାରା ବାହିନିପତିଙ୍କ ନାନା କେ ନାରା ସତରେ ସେହି ସମାବେଶକୁ ଏକ ପ୍ରକାର ସତେଜ କରିଦେଇଥିବା ବେଳେ ସମାବେଶ ଯେଉଁଭଳି ଖରାର ପ୍ରକଟ ହୋଇଥିଲା ଓ ସେଥିରେ ଲୋକଙ୍କ ଭିଡ଼ ତାହା କଂଗ୍ରେସର ଚଳିତ ନିର୍ବାଚନରେ ସୁଦୃଢ଼ ସ୍ଥିତିକୁ ପରଖି ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା । ଏହି ଅବସରରେ ଭର୍ଚୁଆଲରେ ରାହୁଲଙ୍କ ସମ୍ବୋଧନ ଏକ ପ୍ରକାର ଲୋକ ଓ କର୍ମୀଙ୍କୁ ଆଶ୍ୱାସନା ଦେବା ସଦୃଶ୍ୟ ହୋଇଥିବା ବେଳେ ଏହି ସମାବେଶରେ କଂଗ୍ରେସ ଦଳ ତରଫରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ବର୍ଷିଥିଲେ । ଆଦିବାସୀ ଦଳିତଙ୍କୁ ଯେଉଁ ସମ୍ବିଧାନ ସୁରକ୍ଷା ଦେବାର ରହିଛି । କିନ୍ତୁ ବିଜେପି ଓ ଆରଏସଏସ ସେହି ସମ୍ବିଧାନ ଦ୍ୱାରା ଏହି ଆଦିବାସୀ ଓ ଦଳିତଙ୍କୁ ଆକ୍ରମଣ କରୁଛି। ଏହି ସମ୍ବିଧାନକୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରୁଛୁ ବୋଲି ରାହୁଲ କହିଛନ୍ତି। ସମାବେଶର ମଞ୍ଚ ପରିଚାଳନା କରିଥିଲେ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା। ଏହି ଉଦୁଉଦିଆ ଖରାରେ ଯେଉଁ ଭଳି ଭିଡ଼ ସମାବେଶରେ ହୋଇଥିଲା ତାହା ଅନ୍ୟ ପ୍ରତିଦ୍ୱନ୍ଦୀ ଦଳଙ୍କୁ ନିଶ୍ଚିତ ଭାବରେ ଚିନ୍ତାର କାରଣ ହେବ ବୋଲି ରାଜନୈତିକ ସମୀକ୍ଷକଙ୍କ ମତ ପ୍ରକାଶ କରିଥିଲେ ।

## ଅଳକା ମହାନ୍ତିଙ୍କ ନାମାଙ୍କନପତ୍ର ଦାଖଲ

ଝାରସୁଗୁଡ଼ା,(ସବ୍ୟୁ): ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ସାଧାରଣ ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲର ପଞ୍ଚମ ଦିବସରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଅଳକା ମହାନ୍ତି ନାମାଙ୍କନପତ୍ର ଦାଖଲ କରିଛନ୍ତି । ବେହେରାମାଲ କିସାନ ଛକରୁ କର୍ମୀ ମାନଙ୍କ ସହ ଏକ ବିଶାଳ ଶୋଭାଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଳକା ମହାନ୍ତି ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ତାଙ୍କ ପାର୍ଥିପତ୍ର ଦାଖଲ କରିଥିଲେ । ଶୋଭାଯାତ୍ରାରେ ବ୍ରଜରାଜନଗର ,ବେଲପାହାଡ ପୌରପରିଷଦ ଓ ଲଖନପୁର ବ୍ଲକ ଅଞ୍ଚଳର ହଜାର ହଜାର କର୍ମୀ



ଉପସ୍ଥିତ ଥିଲେ । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶକୁ ପ୍ରସଙ୍ଗ କରି ନିର୍ବାଚନ ମଇଦାନକୁ ଓଲ୍ହାଇବେ ବୋଲି ଅଳକା କହିଛନ୍ତି । ସ୍ଥାନୀୟ ନିଯୁକ୍ତି, ସମସ୍ତ ଚାଷ ଜମିକୁ ଜଳ ସେଚନ, ଲଖନପୁର ବ୍ଲକ ବିଭାଜନ, ବିସ୍ଥାପନ ସମସ୍ୟାର ସାମଧାନ, ଗମନାଗମନର ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟରେ ଉନ୍ନତି ଆଦିକୁ ପ୍ରାଥମିକତା ଭିତ୍ତିରେ କରାଯିବ ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି ।

## ନିରାଡମ୍ବର ଭାବେ ପ୍ରାର୍ଥିପତ୍ର ଦାଖଲ କଲେ ଜୟନାରାୟଣ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଧାନସଭା ଆସନ ପାଇଁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବିଜେପି ପକ୍ଷରୁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେ କଚେରୀ ରୋଡ ସ୍ଥିତ ନିଜ କାର୍ଯ୍ୟାଳୟରୁ ସମର୍ଥକ ଓ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ ବାହାରି ସମ୍ବଲପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ଥିଲେ । ସେଠାରେ ସଦର ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡାଙ୍କୁ ନିଜର ୩ସେଟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ଗୁରୁବାର କେନ୍ଦ୍ରମନ୍ତ୍ରୀଙ୍କ ବିଶାଳ ରୋଡ଼ ସୋରେ ସେ ସାମିଲ ହୋଇଥିଲେ । ଗୁରୁଦାସ ପୁରୋହିତ, ଘନଶ୍ୟାମ ପାଣିଗ୍ରାହି ଓ ଅବଧାନନ୍ଦ ମିଶ୍ର ପ୍ରସ୍ତାବକ ରହିଛନ୍ତି । ପ୍ରାର୍ଥୀପତ୍ର ଦାଖଲ ସମୟରେ ତାଙ୍କ ଧର୍ମପତ୍ନୀ ଜ୍ୟୋସ୍ନାରାଣୀ ମିଶ୍ର , କନ୍ୟା ଶୁଭଶ୍ରୀ ମିଶ୍ର , ରେଙ୍ଗାଲି ବିଧାୟକ ନାଉରୀ ନାୟକ ଓ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମଧ ଉପସ୍ଥିତ ଥିଲେ । ଏଥିରେ ଆଇନଜୀବୀ ଡ. ପ୍ରମୋଦ ରଥ, ଚିତ୍ରସେନ ମିଶ୍ର, ପରିତୋଷ ପାଣିଗ୍ରାହି, ଅତନୁ ଘୋଷ, ସଞ୍ଜୀବ ତ୍ରିପାଠୀ, ଫଣିଭୂଷଣ ମିଶ୍ର, ପ୍ରଦୀପ ସୂପକାର, ପ୍ରସନ୍ନ ସାହୁ, ମୁକୁଲ ଦାଶ, ସିଦ୍ଧାର୍ଥ ସାହୁ, ଅରବିନ୍ଦ ନାଏକ, ରାଜୀବ ଶତପଥୀ, ପ୍ରଶାନ୍ତ କର ପ୍ରମୁଖ ସହଯୋଗ କରିଥିଲେ । ଏଥିସହ ଅନିଲ ବେହେରା, ମାନସ ରଞ୍ଜନ ବକ୍ସି, ସମୀର ରଞ୍ଜନ ବାବୁ, ଦାମୋଦର କର, ସୁଶାନ୍ତ ପୁରୋହିତ, ସରୋଜ ଦଳପତି, ମୋହନ ଦାଶ, ସଞ୍ଜୟ ଷଡ଼ଙ୍ଗୀ, ଶିବ ଦିୱାନ୍, କାହ୍ନୁରାମ ଶର୍ମା, ମୁକେଶ ଜରିୱାଲ, ସୋମିତ୍ର ଜତି, ସନ୍ତୋଷ ଡାଲୁଆ, ସବିତା ନନ୍ଦ, ଆରତୀ ବରାଡ, ରୁନୁ ପ୍ରଧାନ, ସଂଯୁକ୍ତା ଆଚାର୍ଯ୍ୟ, ସୁଜାତା ଗୁରୁ, ସବିତା ହୋତା, ଭବାନୀ ଦୁଷର ସମେତ ବହୁ ବିଜେପି କର୍ମୀ ଓ ପଦାଧିକାରୀ ଉପସ୍ଥିତ ଥିଲେ ।

## ତିନି ବଖରା ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ହରଭଙ୍ଗା,(ସବ୍ୟୁ): ହରଭଙ୍ଗା ବ୍ଲକ୍ ଛତ୍ରଙ୍ଗ ପଞ୍ଚାୟତ (ଛତ୍ରଙ୍ଗ) ରହଣି ସାହିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ସହିତ ତିନି ବଖରା ଘର ପୋଡି ଭସ୍ମିଭୁତ ହୋଇଯାଇଛି । ଅଳ୍ପକେ ବର୍ତି ଯାଇଛନ୍ତି ପରିବାର ଲୋକେ । ଛତ୍ରଙ୍ଗ ଗ୍ରାମ ରହଣି ସାହିର ରାଜୀବ ବେହେରା ଓ ତାଙ୍କ ପିତା ମହେନ୍ଦ୍ର ବେହେରାଙ୍କ ତିନି ବଖରା ଚାଳ ଘର ଶୁକ୍ରବାର ମଧ୍ୟାହ୍ନରେ ପରିବାର ଲୋକେ ଘରେ ଶୋଇଥିବା ସମୟରେ ନିଆଁ ଲାଗିଯାଇଥିଲା । କୌଶଳ କରି ପରିବାର ଲୋକେ ଘରୁ ବାହାରକୁ ବାହାରି ଯାଇଥିବା ବେଳେ ଘରେ ଥିବା ନଗଦ ୧୫ହଜାର ଟଙ୍କା ସହିତ, କୁଲର, ଫ୍ରିଜ, ଘରୋଇ ଆସବାବ ପତ୍ର ସହିତ, ଚାଉଳ, ଧାନ, ଡାଲି ଜାତୀୟ ଗଚ୍ଛିତ ଶସ୍ୟ ଏବଂ ୩ବଖରା ଘର ପୋଡି ପାଉଁଶ ହୋଇଯାଇଥିଲା। ଗ୍ରାମବାସୀ ଘଟଣାକୁ ନେଇ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଅଗ୍ନିଶମ କର୍ମଚାରୀ ପହଂଚିବା ପୂର୍ବରୁ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ନଷ୍ଟ ହୋଇସାରିଥିଲା । ପୋଡ଼ି ଦୁର୍ଘଟଣା ସୂଚନା ମତେ ରହଣି ସାହିର ପାଖ ଜଙ୍ଗଲରୁ ନିଆଁ ଲାଗି ଥିଲା । ପରେ ଏହି ନିଆଁ ଘରକୁ ଲାଗିଥିବା ଗ୍ରାମବାସୀ କହିଛନ୍ତି।

## ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ବଲାଙ୍ଗିର,(ସବ୍ୟୁ): ପୁଣି ଅଲୋଡ଼ା ଶିଶୁକନ୍ୟା। ରାସ୍ତାକଡ଼ରୁ ଉଦ୍ଧାର ହେଲା ନବଜାତ ଶିଶୁକନ୍ୟା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ସହର ନିକଟ ଖର୍ଲକାନୀ ଗାଁର ରାସ୍ତାର କଡ଼ରେ। ଶୁକ୍ରବାର ସକାଳୁ ନବଜାତ ଶିଶୁକନ୍ୟାକୁ ରାସ୍ଥାକଡ଼ରୁ ଉଦ୍ଧାର କରି ସ୍ଥାନୀୟ ଲୋକେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରଥିଲେ। ସକାଳେ ଖର୍ଲକାନୀ ଗାଁର ରାସ୍ତା କଡ଼ରୁ ଛୁଆ କାନ୍ଦିବାର ଶୁଭିଥିଲା। ସେଇ ରାସ୍ତାରେ ଯିବା ଆସିବା କରୁଥିବା ସ୍ଥାନୀୟ ଲୋକେ ଛୁଆର କାନ୍ଦ ଶୁଣି ଅଟକି ଯାଇଥିଲେ। ରାସ୍ତା କଡ଼ରେ ପଡ଼ିଥିବା ଗୋଟିଏ ପ୍ଲାଷ୍ଟିକ ବ୍ୟାଗ ଭିତରୁ ଏହି କାନ୍ଦ ଶୁଭୁଥିବା ଦେଖି ସ୍ଥାନୀୟ ଲୋକେ ସେଇ ବ୍ୟାଗକୁ ଖୋଲିଥିଲେ। ବ୍ୟାଗରେ ଏକ ନବଜାତ ଶିଶୁକନ୍ୟ ଥିବା ଦେଖିବାକୁ ପାଇଥିଲେ। ଶିଶୁକନ୍ୟାଟିକୁ ଉଦ୍ଧାର କରି ସ୍ଥାନୀୟ ଲୋକେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରଥିଲେ। ଏନେଇ ସଦର ପୁଲିସକୁ ଜଣାଇଥିଲେ ସ୍ଥାନୀୟ ଲୋକେ। ପୁଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ତେବେ ଶିଶୁ କନ୍ୟାର ଅବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରି କହିଛନ୍ତି, ଶିଶୁକନ୍ୟା ଉଦ୍ଧାର ଘଟଣାରେ ତଦନ୍ତ କରାଯାଉଛି। ଆଉ ଶିଶୁଟିର ପ୍ରକୃତ ବାପା ମା' ଯଦି ଚାହିଁବେ ୩୦ ଦିନ ମଧ୍ୟରେ ଛୁଆଟିକୁ ଆସିକି ନେଇ ଯାଇପାରିବେ। ସାଧାରଣ ଲୋକେ ଶିଶୁ ମାନଙ୍କୁ ଫିଙ୍ଗି ନଦେଇ ଗୋପନୀୟ ଭାବରେ ପ୍ରଶାସନ ନିକଟରେ ସରେଣ୍ଡର କରିବାକୁ ଅନୁରୋଧ କରାଯାଇଛି ।

## ନାବାଳିକା ଦୁଷ୍କର୍ମ ମାମଲା ଜଣଙ୍କୁ ୨୦ ବର୍ଷ ଜେଲ୍, ଆଉ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁରରେ ୨ଟି ଭିନ୍ନ ଭିନ୍ନ ନାବାଳିକା ଦୁଷ୍କର୍ମ ଘଟଣାରେ ପୋକ୍ସୋ କୋର୍ଟ ଆଜି ଦୁଇ ଜଣ ଦୋଷୀଙ୍କୁ ସଜା ଶୁଣାଇଛନ୍ତି। ଜଣେ ଦୋଷୀଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡ ସହ ୧ ଲକ୍ଷ ଟଙ୍କା ଜୋରିମାନା କରିଛନ୍ତି କୋର୍ଟ। ସେହିପରି ଅନ୍ୟ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ୨୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ପ୍ରଥମ ଘଟଣାଟି ଅଇଁଠାପାଲି ଥାନା ଅଞ୍ଚଳରେ ୨୦୧୫ ମସିହାରେ ଘଟିଥିଲା। ଚକୋଲେଟ ଦେବା ବାହାନାରେ ଜଣେ ୧୦ ବର୍ଷର ନାବାଳିକାକୁ ଦୁଷ୍କର୍ମ କରିଥିଲା ଦୋଷୀ। ଏହି ଘଟଣାରେ ୨୦ ଜଣଙ୍କର ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଏହା ସହିତ ଅନ୍ୟାନ୍ୟ ତଥ୍ୟ ଓ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ପରେ କୋର୍ଟ ତାକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ସହିତ ୧ ଲକ୍ଷ ଟଙ୍କା ଜୋରିମାନା କରିଛନ୍ତି। ଅନ୍ୟ ଘଟଣାଟି ମହୁଲିପାଳ ଥାନା ଅଞ୍ଚଳରେ ଘଟିଥିଲା। ଦୋଷୀ ଜଣେ ୧୨ ବର୍ଷର ନାବାଳିକାଙ୍କୁ ବହୁ ବାର ଦୁଷ୍କର୍ମ କରିଥିଲା। ସମସ୍ତ ସାକ୍ଷ୍ୟ, ତଥ୍ୟ ଓ ପ୍ରମାଣ ଆଧାରରେ ସେ ଦୋଷୀ ସାବ୍ୟସ୍ତ ହେବା ପରେ କୋର୍ଟ ତାକୁ ଆଜୀବନ କାରାଦଣ୍ଡା ଦେଶ ଶୁଣାଇଛନ୍ତି। ତା' ସହିତ ୨୦ ହଜାର ଟଙ୍କା ଜୋରିମାନା କରିଛନ୍ତି।

### ଦାଦନ ଖଟିବାକୁ ଯାଇ ନିର୍ଯାତନାର ଶିକାର

## ଆହୁରି ୨୦ ଶ୍ରମିକ ଠିକାଦାରଙ୍କ କବଜାରେ



ଜୁନାଗଡ଼,(ସବ୍ୟୁ): କଳାହାଣ୍ଡିରେ ଥମୁନି ଦାଦନ ଦୁଃଖ । ଦାଦନ ସମସ୍ୟା ଜିଲ୍ଲାରେ ଉତ୍କଟ ରୂପନେଉଛି । କାମ ଅନ୍ୱେଷଣରେ ପ୍ରତିବର୍ଷ ଜିଲ୍ଲାରୁ ବହୁସଂଖ୍ୟାରେ ଲୋକେ ଦାଦନ ଖଟିବାକୁ ଯାଇ ଅନେକ ସମସ୍ୟାର ସମ୍ମୁଖୀନ ହେବା ସହିତ ମୃତ୍ୟୁ ବରଣ କରୁଥିବାର ମଧ ଦେଖିବାକୁ ମିଳୁଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି ଜୁନାଗଡ଼ ସହରରେ ହାଇଦ୍ରାବାଦକୁ କାମ କରିବାକୁ ଯାଇ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରର ୪ଜଣ ଶ୍ରମିକ ଲଲୀନ ଗହୀର(୪୦), ଲଳିତା ଗହୀର (୩୫), ପିଣ୍ଟୁ ଦଳପତି(୪୦), ପୁଷ୍ପାଞ୍ଜଳି ଦଳପତି(୩୦) ନିର୍ଯ୍ୟାତନାର ଶିକାର ହୋଇଥିଲେ। ଶେଷରେ ନିର୍ଯ୍ୟାତନା ସହି ନ ପାରି ଠିକାଦାରଙ୍କ କବଳରୁ ଲୁଚିକି ଶୁକ୍ରବାର ନିଜ ଘରକୁ ଚାଲି ଆସିଛନ୍ତି । ଘରକୁ ଚାଲି ଆସିବା ପରେ ଏହି ଘଟଣାଟି ଏବେ ଲୋକ ଲୋଚନକୁ ଆସିଛି । ସେଠାରେ ସେମାନେ କେମିତି କଷ୍ଟରେ ଜୀବନ ଯାପନ କରୁଥିଲେ ତାହାର ଦୁଃଖ କାହାଣୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଜୁନାଗଡ଼ ନଗରପାଳଙ୍କ ଠାରୁ ସହାୟତା ସ୍ୱରୂପ ଟଙ୍କା ପାଇବା ପରେ ସେମାନେ ବସରେ ନିଜ ଘରକୁ ଫେରିଆସିଥିବା ୪ଶ୍ରମିକ ପ୍ରକାଶ କରିଛନ୍ତି । ଏବେ ବି ଜୁନାଗଡ଼ ସହରର ସେଠାରେ ଆହୁରି ୨୦ ଜଣ ଶ୍ରମିକ ଠିକାଦାରଙ୍କ ପାଖରେ ବନ୍ଧା ପଡିଛନ୍ତି। ସେମାନଙ୍କୁ ଠିକାଦାର ଅନେକ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି। ଗତ ୬ ମାସ ତଳେ ଦାଦନ ଖଟିବାକୁ ସେମାନେ ହାଇଦ୍ରାବାଦକୁ ଯାଇଥିଲେ। ସେଠାରେ ସେମାନେ ଏକ ଇଟାଭାଟିରେ କାମ କରୁଥିଲେ । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବନ୍ଧାପଡିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଠିକାଦାର ପାଖରେ ବକେୟା ଥିବା ତାଙ୍କ ଟଙ୍କା ଅସୁଲ କରିବା ପାଇଁ ୪ଶ୍ରମିକ ନିବେଦନ କରିଛନ୍ତି।

# ମହାନଦୀରେ ବିସ୍ଫୋରଣ, ନୀରବଦ୍ରଷ୍ଟା ପ୍ରଶାସନ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଦେଇ ମହାନଦୀ ପ୍ରବାହିତ ହୋଇଛି । ବ୍ଲକର ମହାନଦୀ କୂଳେ କୂଳେ କାଳେଶ୍ୱର ଠାରୁ ମାରଡ଼ା ପର୍ଯ୍ୟନ୍ତ ମତ୍ସଜୀବୀ ମାନେ ବାସ କରୁଛନ୍ତି । ନଦୀ ଗର୍ଭରେ ବେଆଇନ ଡିନାମାଇଟ ବିସ୍ଫୋରଣ ସକାଶେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେବା ସହିତ ଜଳଚର ପ୍ରାଣୀ ଓ ବିଭିନ୍ନ ପ୍ରଜାତିର ମାଛ ବଂଶ ଲୋପ ପାଉଛି । ଫଳରେ ମତ୍ସଜୀବୀଙ୍କ ଜୀବନ ଜୀବୀକା ପ୍ରଭାବିତ ହେଉଛି । ମହାନଦୀର ଗୋଟିଏ ପାର୍ଶ୍ୱରେ ବୌଦ୍ଧ ଜିଲ୍ଲା ଓ ଅନ୍ୟ ପାର୍ଶ୍ୱରେ ଅନଗୁଳ ଜିଲ୍ଲା ରହିଥିବା ବେଳେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଏବଂ ଅନଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକର ନଦୀକୂଳିଆ ଅଞ୍ଚଳର ବେଆଇନ ବିସ୍ଫୋରକ ବିକ୍ରି କରୁଥିବାରୁ ନଦୀ ଗର୍ଭରେ ବିସ୍ଫୋରଣ ବୃଦ୍ଧି ପାଉଥିବା ଅଭିଯୋଗ ଆସୁଛି । ବିସ୍ଫୋରଣ ଓ ବିଷାକ୍ତ କୀଟ ନାଶକ ଔଷଧ ବ୍ୟବହାର କରି ମାଛ ମରାଯାଉ ଥିବାରୁ ମହାନଦୀର ଜଳ ବିଷାକ୍ତ ହେବା ସହିତ ବିଭିନ୍ନ ପ୍ରଜାତିର ମତ୍ସବଂଶ ଲୋପ ପାଉଛି ଏବଂ ପରିବେଶ ଉପରେ ପ୍ରଭାବ



ପଡୁଥିବାର ପ୍ରାଣୀବିତ ଓ ପରିବେଶବିତ ମତ ରଖୁଛନ୍ତି । ପ୍ରତିବର୍ଷ ଶୀତ ଋତୁ ଠାରୁ ବର୍ଷା ଋତୁ ପର୍ଯ୍ୟନ୍ତ ପ୍ରତିଦିନ ସହ ସହ ଡିନାମାଇଟ ବେଧଡକ ବିସ୍ଫୋରଣ ହେଉଥିଲେ ମଧ ପ୍ରଶାସନିକ ଦୃଷ୍ଟି ପଡୁନି କି ରୋକିବା ପାଇଁ ପଦକ୍ଷେପ ନେଉନ ଥିବାରୁ ଜନ ଅସନ୍ତୋଷ ଦେଖାଦେଉଛି । ଅନ୍ୟ ପଟେ ହରଭଙ୍ଗା କୈବର୍ତ୍ତ ସମାଜର ସଭାପତି ଦନାର ବେହେରା ଅଭିଯୋଗ ଆଣିଛନ୍ତି ଯେ ଏହି ବିସ୍ଫୋରଣ ହେତୁ ଆମ ମତ୍ସଜୀବୀ ସମ୍ପ୍ରଦାୟ ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି ଓ ବାଧ ହୋଇ ଜୀବିକା ନିର୍ବାହ କରିବା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ବହୁ ପରିବାର ଯାଉଛନ୍ତି । ଏଣୁ ଉକ୍ତ ବିସ୍ଫୋରଣ ଉପରେ କଡା ନଜର ଓ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଜିଲ୍ଲା ପ୍ରଶାସନ ନେବା ପାଇଁ ଦାବି କରିଛନ୍ତି ।

### ସମରେନ୍ଦ୍ରଙ୍କ ନାମାଙ୍କନ ଶୋଭାଯାତ୍ରାରେ ଜନସମୁଦ୍ର

## ବିକାଶ ସପକ୍ଷରେ ହେବ ମତଦାନ : ସମରେନ୍ଦ୍ର

ବଲାଙ୍ଗିର,(ସବ୍ୟୁ): ନାମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରାରେ ବଲାଙ୍ଗିର ନିର୍ବାଚନ ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ଛାତ୍ର, ଯୁବକ, କୃଷକ, ଶ୍ରମିକ, ମହିଳାଙ୍କ ଭାଗିଦାରୀ ରହିଥିଲା । ଭୋଟର ସ୍ୱଷ୍ଟମନା ହୋଇଛନ୍ତି ଯେ, ଆଗାମୀ ନିର୍ବାଚନରେ ବିକାଶର ସପକ୍ଷରେ ମତଦାନ ହେବ । ଗୁରୁବାର ବଲାଙ୍ଗିର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ସମରେନ୍ଦ୍ର ମିଶ୍ର । ପ୍ରସ୍ତାବକ ବିଧାୟକ ନରସିଂହ ମିଶ୍ର ଓ ବିଶିଷ୍ଟ ସମାଜସେବିକା ଡା. ଜ୍ୟୋସ୍ନାମୟୀ ମହାପାତ୍ରଙ୍କ ସହ ସମରେନ୍ଦ୍ର ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଦୁଇ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶୋଭାଯାତ୍ରାରେ ବଲାଙ୍ଗୀର ସାଂସଦ ପ୍ରାର୍ଥୀ ମନୋଜ ମିଶ୍ର ଜିଲ୍ଲାପାଳ କାର୍ଯ୍ୟାଳୟରେ ଏବଂ ଲୋଇସିଂହା ବିଧାୟକ ପ୍ରାର୍ଥୀ ଓମ୍ପ୍ରକାଶ କୁମ୍ଭାର ଏଡିଏମ୍ ଅଫିସରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସ୍ଥାନୀୟ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ଏକ ବିରାଟ ଜନସମୁଦ୍ର ସହ ମନୋଜ ମିଶ୍ର ଓ ଓମ୍ପ୍ରକାଶ କୁମ୍ଭାର ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ଦାଖଲ କରିସାରିବା ପରେ ସାଂସଦ ପ୍ରାର୍ଥି ମନୋଜ କହିଥିଲେ ଯେ, ପଶ୍ଚିମ ଓଡିଶାର ଯୁବକ ଆଜି ସରକାରଙ୍କ ବୈମାତୃକ ମନୋଭାବ ଦ୍ୱାରା ଉତ୍ପୀଡିତ ଏବଂ ଅତ୍ୟାଚାରିତ। ଏବେ ସମୟ ଆସିଛି ଆମ ଅଞ୍ଚଳର ଯୁବକମାନେ ସରକାରଙ୍କ



ବିରୁଦ୍ଧରେ ଏକ ହୋଇ ଲଢ଼େଇ କରିବେ। ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏଇ ନାମାଙ୍କନ ଶୋଭାଯାତ୍ରାରେ ଉପଜିଲାପାଳ ଅଫିସରେ ପହଞ୍ଚିଲା ପରେ ସାମ୍ବାଦିକଙ୍କୁ ପ୍ରତିକ୍ରିୟା ରଖି କହିଥିଲେ ଯେ, ପଶ୍ଚିମ ଓଡିଶାବାସୀଙ୍କ ମୁଖ୍ୟମନ୍ତ୍ରୀ ବାରମ୍ବାର ପ୍ରତାରିତ କରିଛନ୍ତି। ପଦ୍ମପୁର ଉପନିର୍ବାଚନ ହେଉ କି ଝାରସୁଗୁଡା ଉପନିର୍ବାଚନ ହେଉ ଉଭୟ ସ୍ଥାନରେ ସେ କହିଥିଲେ ଯେ, ଏଇ ନିର୍ବାଚନୀ ମଣ୍ଡଳୀ ଦାୟିତ୍ୱ ମୋର। କିନ୍ତୁ ପରିତାପର ବିଷୟ ନିର୍ବାଚନ ପରେ ସେ ଅଞ୍ଚଳକୁ ସେ ଆଉ ଆଡ ଆଖିରେ ବି ଦେଖିନାହାନ୍ତି। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିରୁ ସେ ସମ୍ପୂର୍ଣ୍ଣ ଓହରି ଯାଇ ଲୋକଙ୍କୁ ପ୍ରତାରିତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଥିଲେ।

# ଅଭିନବ ଢ଼ଙ୍ଗରେ ନାମାଙ୍କନପତ୍ର ଦାଖଲ କଲେ ସୋନାଲି ବିଶି



ସୋନପୁର,(ସବ୍ୟୁ): ସ୍ଥାନୀୟ ରୟାଲ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ ଠାରେ ସୋନପୁର ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ନବନିର୍ମାଣ କୃଷକ ସଂଗଠନର ସମର୍ଥତ ସ୍ୱାଧୀନ ପ୍ରାର୍ଥିନୀ ସୋନାଲି ବିଶି । ଶୋଭାଯାତ୍ରାରେ ଚାଷୀ ପ୍ରତିନିଧି ମାନେ ବଳଦ ଗାଡ଼ିରେ ଆସି ଏଥିରେ ସାମିଲ ଥିବା ଦେଖାଯାଇଥିଲା । ସୋନାଲି ତାଙ୍କର ନିର୍ବାଚନ ପ୍ରଚାରର ଶୈଳୀରେ କେବେ ଟ୍ରାକ୍ଟର ଚଳାଇ ଟ୍ରାକ୍ଟର ରାଲି କରିଥିବାବେଳେ କେବେ ଘରକୁ ଘର ବୁଲି ଭୋଟ ଭିକ୍ଷା ସହ ନିର୍ବାଚନୀ ଖର୍ଚ୍ଚ ପାଇଁ ଚାଉଳ ଓ କିଛି ଅର୍ଥ ଭିକ୍ଷା ମଧ୍ୟ କରୁଥିଲେ । ତାଙ୍କର ପ୍ରଚାର ଶୈଳୀରେ ସଦାବେଳେ କିଛିନା କିଛି ସ୍ୱତନ୍ତ୍ରତା ବଜାୟ ରଖୁଥିବାବେଳେ ଏହି ଶୋଭାଯାତ୍ରାରେ ବଳଦ ଗାଡି ସହ ଚାଷୀଙ୍କ ଗହଣରେ ଜୟ କିଶାନ ନାରା ସମସ୍ତ ଦେଖଣାହାରୀଙ୍କ ମଧ୍ୟରେ ଗ୍ରହଣୀୟ ହୋଇଥିବା ପରିଲକ୍ଷିତ ହୋଇଥିଲା।

# ପାଣି ସମସ୍ୟା ନେଇ ପଞ୍ଚାୟତ ଅଫିସ ଘେରାଉ

ବୋରିଗୁମ୍ମା,(ସବ୍ୟୁ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ବିଭିନ୍ନ ପଞ୍ଚାୟତରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ମୁରାନ ଠାରେ ହେବାକୁ ଥିବା ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ମନ୍ଥର ଗତିରେ ଚାଲୁଥିବା ଯୋଗୁଁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ପାଣି ମୁହାଁଏ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କଲେ ମହିଳା। ବୋରିଗୁମ୍ମା ବ୍ଲକ ବିଜାପୁର ପଞ୍ଚାୟତର ବଣ୍ଡାଗୁଡା ଗାଁରେ ଅନେକ ଦିନ ଧରି ପାଣି ସମସ୍ୟା ଲାଗି ରହିଛି। ଗାଁ ରେ ପାଣି ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ପାଇପ ଯୋଗେ ପାଣି ବ୍ୟବସ୍ଥା କରାଯାଇଥିଲା । କିନ୍ତୁ କିଛି ଲୋକେ ପାଇପ ଲାଇନ କାଟି ମୋଟର ଯୋଗେ ନିଜ ନିଜ ଘରକୁ ପାଣି ନେଉଥିବା ଫଳରେ ଅନ୍ୟ ମାନେ ଆଉ ପାଣି ପାଇ ପାରୁ ନାହାଁନ୍ତି। ଗାଁ ମହିଳା ମାନେ ପାଣି ପାଇଁ ପ୍ରାୟ ଏକ କିଲୋମିଟର ବାଟ ଆସି ନିକଟରେ ଥିବା ମନ୍ଦିରରୁ ପାଣି ନେବାକୁ ପଡୁଛି । ପୁଣି ଜାତୀୟ ରାଜପଥ ପାର କରି ଯିବାକୁ ପଡେ । ଅନେକ ଥର ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳିଛି। ପାଣି ସମସ୍ୟା ସମ୍ପର୍କରେ ବାରମ୍ବାର ସରପଞ୍ଚ ଠାରୁ ଆରମ୍ଭ କରି ନେତାଙ୍କୁ କହି କହି ଥକିଗଲେ ଗାଁ ଲୋକେ। ଶେଷରେ ଆଜି ଗରା ମାଠିଆ ଧରି ମହିଳା ମାନେ ବଣ୍ଡାଗୁଡା ଠାରେ ଥିବା ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଯେ ପର୍ଯ୍ୟନ୍ତ ପାଣି ସମସ୍ୟା ଦୂର ହୋଇ ନାହିଁ ସେ ପର୍ଯ୍ୟନ୍ତ ଏମିତି ଧାରଣାରେ ବସିବେ । ନଚେତ ପଞ୍ଚାୟତ କାର୍ଯ୍ୟାଳୟକୁ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। କେବଳ ବଣ୍ଡାଗୁଡା ଗ୍ରାମ ନୁହେଁ ବରଂ ବ୍ଲକର ବହୁ ଗାଁ ପାନୀୟ ଜଳ ପାଇବାରେ ଅସୁବିଧା ହେଉଛି। ଲୋକେ ପାନୀୟ ଜଳ ପାଇବା ପାଇଁ ନଦୀ ଉପରେ ନିର୍ଭର କରୁଛନ୍ତି ତ କେଉଁଠି ଦୂର ଦୂରାନ୍ତ ଯାଇ ମହିଳା ମାନେ ପାନୀୟ ଜଳ ସଂଗ୍ରହ କରୁଥିବା ଦୃଶ୍ୟ ଦେଖାଦେଇଛି।




# କଂଗ୍ରେସ ପକ୍ଷରୁ ନିପନ ଦାଶଙ୍କ ନାମାଙ୍କନପତ୍ର ଦାଖଲ



ବରଗଡ,(ସବ୍ୟୁ): ନାମାଙ୍କନ ପ୍ରକ୍ରିୟାର ଶେଷ ଦିବସରେ ବରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଜାତୀୟ କଂଗ୍ରେସ ପ୍ରାର୍ଥୀ ନିପନ ଦାଶ ନିଜ ହଜାର ହଜାର ସମର୍ଥକଙ୍କ ସହ ନିର୍ବାଚନ ଅଧିକାରୀ ବରଗଡ ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେ ବରଗଡ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କ ପାଖରେ ପୂଜାର୍ଚ୍ଚନା ସହ ଶୋଭାଯାତ୍ରାରେ ବାହାରି ବରଗଡ କଚେରି ପରିସରରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ସମୟରେ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ବରଗଡ ସାଂସଦ ପ୍ରାର୍ଥୀ ସଞ୍ଜୟ ଭୋଇ, ପିସିସି ସଦସ୍ୟ ଯୁଗଳ ପ୍ରସାଦ ସିଂ, ଜିଲ୍ଲା କଂଗ୍ରେସ ଲିଗାଲ ସେଲ ଅଧ୍ୟକ୍ଷ ପଞ୍ଚାନନ ମିଶ୍ର, ବରିଷ୍ଠ ନେତା ଆଇନଜୀବୀ ଶଙ୍କର୍ଷଣ ମିଶ୍ର, ଜିଲ୍ଲା କଂଗ୍ରେସ ମିଡ଼ିଆ ସେଲ ଅଧ୍ୟକ୍ଷ ସରୋଜ ଷଡ଼ଙ୍ଗୀ, ବରିଷ୍ଠ ନେତା ଶୁଭେନ୍ଦୁ ସାହୁ,ଜିଲ୍ଲା କଂଗ୍ରେସ ଉପ ସଭାପତି ତଥା ଲୋକସଭା ପ୍ରଚାର କମିଟି ଅଧ୍ୟକ୍ଷ ରବି ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଆଚାର୍ଯ୍ୟ, ନଗର କଂଗ୍ରେସ ସଭାପତି ସୁଧୀର ଜେନା,ଆନନ୍ଦ ପ୍ରଧାନ, ଜିଲ୍ଲା କଂଗ୍ରେସ ଏସ ସି ସେଲ ଅଧ୍ୟକ୍ଷ ରଥି କୁମ୍ଭାର , ଜିଲ୍ଲା କଂଗ୍ରେସ ସମ୍ପାଦକ ମନୋହର ପ୍ରଧାନ, ବରଗଡ ବ୍ଲକ୍ କଂଗ୍ରେସ ସଭାପତି ଅନନ୍ତ ତାଣ୍ଡି , ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଜାଦ ପତି ,ପ୍ରଦେଶ ଯୁବ କଂଗ୍ରେସ ଆଇଟି ସେଲ ସଂଯୋଜକ ଅଭିଳାଷ ପତି, ଆଶିଷ ବେହେରା, ପପ୍ପୁ କୁମ୍ଭାର, ଟୁନା ମହାକୁର, ଜିତେନ୍ଦ୍ର ସାହୁ, ସୁକୁମାର ସାହୁ, ଅକ୍ଷୟ, ଏମ ଡି କାଲୁ,ସନ୍ତୋଷ ସାହୁ, ଦେବୁ ସ୍ୱାଇଁ, ବବି ମଲ୍ଲିକ ପ୍ରମୁଖ ସାମିଲ ଥିଲେ ।

# ସିପିଆଇଏମ୍ ପ୍ରାର୍ଥୀ ଲକ୍ଷ୍ମଣ ମୁଣ୍ଡାଙ୍କ ପ୍ରାର୍ଥିପତ୍ର ଦାଖଲ




ବଣାଇ,(ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ବଣାଇ ସଂରକ୍ଷିତ ବିଧାନସଭା ମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି । ପ୍ରଥମ ପ୍ରାର୍ଥୀ ଭାବେ ସିପିଆଇଏମ ଦଳ ପକ୍ଷରୁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ବଣାଇ ନିର୍ବାଚନ ଅଧିକାରୀ ତଥା ବଣାଇ ଉପଜିଲାପାଳ ସୁରଞ୍ଜନ କୁମାର ସାହୁଙ୍କ ଠାରେ ୪ସେଟ ନାମାଙ୍କନ ପତ୍ର ଦାଖଲ କରିଥିଲେ ।ଏହି ଅବସରରେ ବାବା ବାଣେଶ୍ୱର ମନ୍ଦିରଠାରୁ ପ୍ରାୟ ୨୫ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ଏକ ବିଶାଳ ପଟୁଆର ବାହାରିଥିଲା। ଏହି ଅବସରରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ପୈତୃକ ଗ୍ରାମ ସାରାସପୋଷରୁ ସିପିଆଇଏମର ଲାଲ ଝଣ୍ଡାରେ ଦଳୀୟ କର୍ମୀ ଏବଂ ଜନସାଧାରଣ ଏକ ବିଶାଳ ମଟରସାଇକେଲ ଶୋଭାଯାତ୍ରାରେ ଜାତୀୟ ରାଜପଥ ୨୧୫ ଓ ୧୪୩ ନମ୍ବର ଜାତୀୟ ରାଜପଥ ଦେଇ ଗୋପନା, ଲହୁଣିପଡା, ରାଜାମୁଣ୍ଡା, ନରେନ୍ଦ୍ର ଦେଇ ବଣାଇଗଡ ସହରରେ ପ୍ରବେଶ କରିଥିଲେ । ଏହି ଜନସମୁଦ୍ର ତଥା ବିଶାଳ ପଟୁଆର ମଣ୍ଡିତ ହୋଇ ବାବାବାଣେଶ୍ୱର ମନ୍ଦିର ସମ୍ମୁଖ ଦେଓଗାଁ ଛକରୁ ଏକ ଖୋଲା କାର ଯୋଗେ ସହର ପରିକ୍ରମା କରିବା ପରେ ବଣାଇ ଉପଜିଲାପାଳ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ପହଂଚିଥିଲା। ଶ୍ରୀ ମୁଣ୍ଡା ନିଜ ନାମାଙ୍କନ ଦାଖଲ କରିବା ପରେ ରାଜାଧରଣୀଧର ବହୁମୁଖୀ ଖେଳପଡିଆଠାରେ ଏକ ଦଳୀୟ ସମାବେଶ ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ଅଧ୍ୟକ୍ଷତା କରିଥିବାବେଳେ ସିପିଆଇଏମ ରାଷ୍ଟ୍ରିୟ ସମ୍ପାଦକ ସୀତାରାମ ୟେଚୁରୀ ,ପଶ୍ଚିମ ବଙ୍ଗ ରାଜ୍ୟ ସମ୍ପାଦକ ସୂର୍ଯ୍ୟ କୁମାର ମିଶ୍ର ଏବଂ ରାଜ୍ୟ ସମ୍ପାଦକ ଅଳି କେଶର ପଟ୍ଟନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନୀତି ପାଇଁ ତୀବ୍ର ସମାଲୋଚନା କରିବା ସହିତ ଇଣ୍ଡିଆ ମେଣ୍ଟର ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ ଦଳ ତରଫରୁ ବଣାଇ ଅଂଚଳର ନିରବଚ୍ଛିନ୍ନ ଭାବରେ ବିକାଶ କାର୍ଯ୍ୟ ଚାଲିଛି ଆହୁରି ଚାଲିବ ବୋଲି କହିଥିଲେ । ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲା ସଭାପତି ପାତ୍ରାସ ଏକ୍କା,କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ତ୍ରିନାଥ କିସାନ, ଯୁଧିଷ୍ଠିର ତ୍ରିପାଠୀ,କଙ୍ଗାଲୁ ଘଣା ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ହଜାର ହଜାର ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ ।

# ନାମାଙ୍କନ ଦାଖଲ କଲେ ଦୀପାଳି ଦାସ



ଝାରସୁଗୁଡ଼ା,(ସବ୍ୟୁ): ସମ୍ବଲପୁର ସ୍ଥିତ ମାଆ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ଝାରସୁଗୁଡାର ଇଷ୍ଟଦେବୀ ମାଆ ପାଟଣେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ ଦୀପାଳି। ବିଶାଳ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲ କରିଛନ୍ତି ଝାରସୁଗୁଡା ବିଜେଡି ବିଧାୟକ ପ୍ରାର୍ଥିନୀ ଦୀପାଳି ଦାସ। ଶୁକ୍ରବାର ସକାଳେ ସେ ସମ୍ବଲପୁର ସ୍ଥିତ ମାଆ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ଝାରସୁଗୁଡାର ଇଷ୍ଟଦେବୀ ମାଆ ପାଟଣେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ତା'ପରେ ବାବା ଝଡ଼େଶ୍ୱରଙ୍କ ଆଶୀର୍ବାଦ ନେଇ ଶୋଭାଯାତ୍ରା ବାହାର କରିଥିଲେ ଦୀପାଳି।

ନିଜର ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରା ମନମୋହନ ସ୍କୁଲ ପଡ଼ିଆରୁ ବାହାରିଥିଲେ ଦୀପାଳି। ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ଝାରସୁଗୁଡା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ତା'ପରେ ସେ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ । ନାମାଙ୍କନ ଦାଖଲ ପରେ ଦୀପାଳି ବାପା ସ୍ୱର୍ଗତ ନବ ଦାସଙ୍କୁ ମନେ ପକାଇ ଭାବ ବିହୋଳ ହୋଇଥିଲେ। ବାପା ଯେଉଁଠି ଥିବେ ମୋତେ ନିଶ୍ଚିତ ଆଶୀର୍ବାଦ କରିବେ। ମୁଁ ପ୍ରାର୍ଥିନୀ ଅଛି ଜୁନ ୪ ତାରିଖରେ ଝାରସୁଗୁଡାବାସୀ ବିରୋଧୀଙ୍କୁ ଉଚିତ ଜବାବ ଦେବେ ବୋଲି ନିଜର ପ୍ରତିକ୍ରିୟାରେ ଦୀପାଳି କହିଥିଲେ ।

# ହାଇୱା ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ, ବର୍ତ୍ତିଗଲେ ପତ୍ନୀ ଓ ପୁଅ

ସୁନ୍ଦରଗଡ଼,(ସବ୍ୟୁ): ସେକ୍ଟର-୧ ଏନଆଇଟି ରାସ୍ତାର ଓମଫେଡ଼ ବୁଥ ନିକଟରେ ହାଇୱା ଧକାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି। ପତ୍ନୀ ଓ ତାଙ୍କ ପୁଅ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ମୃତକ ସେକ୍ଟର-୧୯ର ଲିପୁ ବୋଲି ଜଣାପଡ଼ିଛି। ସେ ତାଙ୍କ ପରିବାର ସହ ସ୍କୁଟିରେ ଘରକୁ ଯାଉଥିଲେ। ଏନଆଇଟି ଆଡକୁ ଯାଉଥିବା ହାଇୱା ପଛରୁ ଧକା ଦେଇଥିଲା। ସ୍ଥାନୀୟ ଲୋକ ଶବ ରଖି ରାସ୍ତାରୋକ କରିଥିଲେ। ସେକ୍ଟର-୩ ପୁଲିସ ପହଂଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲା। ଦୁର୍ଘଟଣା ଘଟାଇଥିବା ହାଇୱା ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

# ୧୫ କ୍ୱିଣ୍ଟାଲ ମହୁଲ ଜବତ, ଜଣେ ଗିରଫ

କନ୍ଧମାଳ,(ସବ୍ୟୁ) :କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବ୍ୟାପକ ମହୁଲ ଫୁଲ ଜବତ କରିଥିବା ବେଳେ ଘଟଣାରେ ସଂପୃକ୍ତ ଥିବା ଜଣେ ଯୁବକକୁ ଗିରଫ କରିଥିବା ଜଣା ପଡ଼ିଛି । ସୂଚନା ଅନୁସାରେ କନ୍ଧମାଳ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଣ୍ଟାପଡା ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ପଦ୍ମନାଭ ବାଘଙ୍କ ଘରେ ଚଢ଼ାଉ କରିଥିଲେ । ଉକ୍ତ ଘରୁ ବେଆଇନ ଭାବରେ ଗଚ୍ଛିତ ରଖିଥିବା ବିପୁଳ ପରିମାଣର ମହୁଲ ଫୁଲକୁ ଅବକାରୀ କର୍ମଚାରୀ ମାନେ ଜବତ କରିଥିଲେ । ଅବକାରୀ କର୍ମଚାରୀ ମହୁଲ ଫୁଲ ସହ ଯୁବକଙ୍କୁ ଗିରଫ କରି କନ୍ଧମାଳ ଅବକାରୀ ବିଭାଗ କାର୍ଯ୍ୟାଳୟକୁ ଆଣି ଥିଲେ । ଗିରଫ ଯୁବକ ଜଣକ ହେଲେ ପଦ୍ମନାଭ ବାଘ (୬୦) ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି । ଜବତ୍ ମହୁଲ ଫୁଲକୁ କାର୍ଯ୍ୟାଳୟକୁ ଆଣି ଓଜନ କରାଯାଇଥିବା ବେଳେ ଏହା ୧୪ କ୍ୱିଣ୍ଟାଲ ୭୦କେଜି ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏ ସଂକ୍ରାନ୍ତରେ କନ୍ଧମାଳ ଅବକାରୀ ଥାନାରେ ୧୨/୨୪-୨୫ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ପଦ୍ମନାଭଙ୍କୁ କୋର୍ଟ ଚାଲାଣ କରାଯାଇଥିବା କନ୍ଧମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି ।

# ଭିନ୍ନକ୍ଷମ ଝିଅକୁ ଧର୍ଷଣ ମାମଲା ୭ ବର୍ଷ କାରାଦଣ୍ଡ ଓ ୧୦ହଜାର ଜରିମାନା

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁରର ଜୈନେକ ଭିନ୍ନକ୍ଷମ ଯୁବତୀକୁ ଅଭିଯୁକ୍ତ ରାକେଶ ନାୟକ ବାଇକ୍‌ରେ ଲିଫ୍ଟ ଦେବା ବାହାନାରେ ଧର୍ଷଣ କରି ତାର ଗାଲ ଏବଂ ଦେହର ବିଭିନ୍ନ ଯାଗାରେ କମୁଡ଼ି ଆଘାତ କରିଥିଲା ।ଏନେଇ କାହାକୁ କହିଲେ ଜୀବନରେ ମାରଦେବାକୁ ଧମକ ଦେଇଥିଲା । ଘଟଣା କୁ ନେଇ ଝିଅର ଭାଇ ମଦନପୁର ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ କରି କେସ ନମ୍ବର ୯୦/୨୦୨୦ ରଜୁ କରି ପୋଲିସ ଅଭିଯୁକ୍ତ ରାଜେଶ ନାଏକକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉକ୍ତ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଓ ଦୌରାଜଜଙ୍କ ସ୍ମୃତିରେଖା ବାରିକ୍ ୩୦ ତାରିଖ ରାକେଶ ନାୟକକୁ ଧର୍ଷଣ ମାମଲାରେ ଦୋଷି ସାବ୍ୟସ୍ତ କରିବା ସହ ୧୦ ବର୍ଷ ସଶ୍ରମକାରାଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାର ତରଫରୁ ସରକାରୀ ଓକିଲ ଦିବ୍ୟ ରଞ୍ଜନ ବହିଦାର ପରିଚାଳନା କରୁଥିଲେ ।

# ସିକ୍ରେଟ୍ ଚାମ୍ବରରେ ଚାଲାଣ ହେଉଥିଲା ଗଞ୍ଜେଇ

ମାଲକାନଗିରି,(ସବ୍ୟୁ): ଗୁରୁବାର ମାଲକାନଗିରି ଟାଉନ୍ ଦେଇ ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତ ଗତିରେ ଯାଉଥିଲା। ପାଟ୍ରୋଲିଂ କରୁଥିବା ପୁଲିସ୍ ଗୌଡ଼ଗୁଡା ଛକରେ ଭ୍ୟାନ୍‌ଟିକୁ ଅଟକାଇଥିଲା। ଗାଡ଼ି ଯାଞ୍ଚ କରିଥିଲା ପୁଲିସ୍ । ସିକ୍ରେଟ୍ ଚାମ୍ବରରେ ଆସୁଥିଲା ଗଞ୍ଜେଇ। ୨୫ କେଜିର ଗଞ୍ଜେଇ ଜବତ କରିଛି ପୁଲିସ୍। ଜବତ ହୋଇଥିବା ଗଞ୍ଜେଇ ମାଲକାନଗିରିରୁ ରାଜସ୍ଥାନ ଚାଲାଣ ହେଉଥିବା ଜଣାପଡ଼ିଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ରହିତାସ ମିନା। ତାଙ୍କ ଘର ହେଉଛି ରାଜସ୍ଥାନରେ ବୋଲି ଜଣାପଡ଼ିଛି।

# ପ୍ରାର୍ଥିପତ୍ର ଦାଖଲ କଲେ କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ଓ ଦିଲ୍ଲୀପ




ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଲୋକସଭା ଓ ରେଙ୍ଗାଲି ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସମ୍ବଲପୁର କଂଗ୍ରେସ ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଓ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ଦିଲ୍ଲୀପ ଦୁରିଆ ବାଲିବନ୍ଧାରୁ ନିଜର ହଜାର ହଜାର ସମର୍ଥକ ଓ କଂଗ୍ରେସ କର୍ମୀଙ୍କୁ ନେଇ ଶୋଭାଯାତ୍ରାରେ ବାହାରିଥିଲେ । ଏହା କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା , ହାଟପଡ଼ା, ମ୍ୟୁନସିପାଲଟି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଲୋକସଭା ପ୍ରାର୍ଥୀ ଶ୍ରୀ ପ୍ରଧାନ ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ୨ସେଟ୍ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ସୁରେଶ୍ୱର ମିଶ୍ର ଓ ରାଧାକାନ୍ତ ବହିଦାର ପ୍ରସ୍ତାବକ ରହିଛନ୍ତି । ସେହିପରି ରେଙ୍ଗାଲି ବିଧାନସଭା କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ଦୁରିଆ ନିଜର ୨ସେଟ ପ୍ରାର୍ଥୀପତ୍ର ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ନିକଟରେ ଦାଖଲ କରିଥିଲେ । ଶୋଭାଯାତ୍ରାରେ କଂଗ୍ରେସ ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ, ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଆସଫ ଅଲ୍ଲୀ ଖାନ, ଛେଣ୍ଡିପଦା କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନାୟକ, ଜିଲ୍ଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ଓ କଂଗ୍ରେସର ବହୁ କର୍ମୀ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ

ଝାରସୁଗୁଡ଼ା,(ସବ୍ୟୁ):ଶୁକ୍ରବାର ସକାଳୁ ଝାରସୁଗୁଡ଼ା ଜିଲ୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ପାତ୍ର ଜଣେ ଠିକାଦାରଙ୍କଠାରୁ ବିଲ୍ ପାସ୍ କରିବା ପାଇ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏହି ଘଟଣାରେ ରାଉରକେଲା ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ଶ୍ରୀ ପାତ୍ରଙ୍କୁ ଅଟକ ରଖିଥିବା ବେଳେ ତାଙ୍କ ନିକଟରୁ ରଙ୍ଗ ବୋଳା ଟଙ୍କା ଜବତ କରିଛି। ଏହି ଘଟଣା ପରେ ଶ୍ରୀ ପାତ୍ରଙ୍କ କାର୍ଯ୍ୟାଳୟ ସମେତ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ଭିଜିଲାନ୍ସ ବିଭାଗ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ ଆରମ୍ଭ କରିଛି।

ସୂଚନା ଅନୁସାରେ ଜଣେ ଠିକାଦାର କରିଥିବା ଜଳ ଯୋଗାଣ ବାବଦ ବିଲ୍ ଶ୍ରୀ ପାତ୍ର ପାସ୍ କରୁନଥିଲେ। ତେବେ ବିଲ୍ ପାସ କରିବାକୁ ସେ ୫୦ହଜାର ଟଙ୍କା ଲାଞ୍ଚ ମାଗିବା ପରେ ଠିକାଦାର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ।

# ବାଳିକା ହକି ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡା,(ସବ୍ୟୁ) : ଝାରସୁଗୁଡା ଜିଲ୍ଲାର ସବ-ଜୁନିଅର, ଜୁନିଅର ମହିଳା ଦଳରେ ପ୍ରତିନିଧିତ୍ୱ କରିଥିବା ଜେ.ଏନ.ବି ର ଅଷ୍ଟମ ଶ୍ରେଣୀ ଛାତ୍ରୀ ରାଜେଶ୍ୱରୀ ନାୟକ ଗୋଲ କିପର ଭାବରେ ଓ ତ୍ରିଷ୍ନା ରାଉଡିଆ ଓଡିଶା ରାଜ୍ୟ ସ୍କୁଲ ହକି ଦଳରେ ପ୍ରତିନିଧିତ୍ୱ କରି କର୍ଣ୍ଣାଟକର କୋଲ୍ଲାପୁର ଜିଲ୍ଲାର କୁଡ଼ିଜେ ଠାରେ ଉଭୟ ନିଜ ନିଜର ହକି ଖେଳର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଓଡିଶା ବାଳିକା ହକି ଦଳ କ୍ୱାଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହେଇଥିଲା। ଏହି ଦୁଇ ଖେଳାଳି ଖେଳିବା ପରେ ଝାରସୁଗୁଡା ଜିଲ୍ଲା ଶିକ୍ଷା ବିଭାଗର ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗରଡିଆ ତାଙ୍କ ଅଫିସ ସମ୍ମିଳନୀ ଗୃହରେ ଖେଳାଳିଙ୍କୁ ରାଜ୍ୟ ସାର୍ଟିଫିକେଟ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ସମ୍ବର୍ଦ୍ଧନା ସଭାରେ ଝାରସୁଗୁଡା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଲ କୁମାର ତାଣ୍ଡି ଓ ଅନ୍ୟାନ୍ୟ ଶିକ୍ଷା ବିତ ମାନେ ଉପସ୍ଥିତ ରହି ଉଭୟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିଥିଲେ । ମାତ୍ର ୨ ବର୍ଷ ମଧ୍ୟରେ ଜିଲ୍ଲାରୁ ୨ ଜଣ ଖେଳାଳି ବିନା ଆଷ୍ଟ୍ରୋଟର୍ଫ୍ ପଡିଆରେ ଓଡିଶା ସ୍କୁଲ ହକି ଦଳରେ ସ୍ଥାନ ପାଇଥିବାରୁ ହକି ଆସୋସିଏସନ ଓଡିଶାର ଉପସଭାପତି ଜୀବନ ମହାନ୍ତି ଓ ଜିଲ୍ଲା ହକି ଆସୋସିଏସନ ଅନ୍ୟାନ୍ୟ କର୍ମକର୍ତ୍ତା ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# କଂଗ୍ରେସରୁ ବୌଦ୍ଧ ପାଇଁ ନବ, କନ୍ଧମାଳ ପାଇଁ ସରୋଜଙ୍କ ନାମାଙ୍କନପତ୍ର ଦାଖଲ



ବୌଦ୍ଧ,(ସବ୍ୟୁ): ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଥିବା ବେଳେ ଗତ ସୋମବାର ଦିନ ବିଜେଡି ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ବୁଧବାର ବିଜେପି ଦଳ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କଂଗ୍ରେସ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରାଯାଇଛି । କଂଗ୍ରେସ ପକ୍ଷରୁ ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଜିଲ୍ଲା ସଭାପତି ନବ କୁମାର ମିଶ୍ର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କନ୍ଧମାଳ ନିର୍ବାଚନୀ ମଣ୍ଡଳି ପାଇଁ ସରୋଜ ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଥିଲେ । ବୌଦ୍ଧ ସହରର ରାମେଶ୍ୱର ମନ୍ଦିର ଠାରୁ ହଜାର ହଜାର ଦଳୀୟ କର୍ମୀଙ୍କ ଗହଣରେ ଏକ ବିରାଟ ପଟୁଆରରେ ବାହାରି ସହର ପରିକ୍ରମା କରି ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟଳୟରେ ପହଞ୍ଚି ଥିଲେ । ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ନବ କୁମାର ମିଶ୍ର ବୌଦ୍ଧ ଉପଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ କଂଟାମାଳ ନିର୍ବାଚନ ମଣ୍ଡଳୀ ପାଇ ଯୁବ ନେତା ସରୋଜ ପ୍ରଧାନ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ । ନାମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରା ସମୟରେ କନ୍ଧମାଳ ସାଂସଦ ପ୍ରାର୍ଥୀ ଅମରୀ ଚାନ୍ଦ ନାୟକ , ପ୍ରଶାନ୍ତ ସାହୁ, ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ର, ଗଣେଶ ଅଗ୍ରୱାଲାଙ୍କ ବେଣୁ ମେହେର, ବୁଦ୍ଧଦେବ ପ୍ରଧାନ, ପଙ୍କଜ କର୍ଣ୍ଣଙ୍କ ସମେତ ହଜାର ହଜାର ସମର୍ଥକ ସାମିଲ ଥିଲେ ।

## ବଲାଙ୍ଗିର ବ୍ଲକ୍‌ରେ କଂଗ୍ରେସର ମାରାଥନ ପ୍ରଚାର

# ଲୋକଙ୍କ ଆର୍ଥିକ ବିକାଶ କଂଗ୍ରେସର ପ୍ରାଥମିକତା : ସମରେନ୍ଦ୍ର



ବଲାଙ୍ଗିର,(ସବ୍ୟୁ): ଆମ ପିଲାଙ୍କ ପାଇଁ ଭୁଷୁଡିଯାଇଥିବା ଶିକ୍ଷା ବ୍ୟବସ୍ଥାକୁ ସଜାଡି ପିଲାଙ୍କୁ ଉତ୍ତମ ଶିକ୍ଷା, ଭଲ ଶିକ୍ଷକ, ଉତ୍ତମ ପରିବେଶ ପ୍ରଦାନ କରିବାକୁ ହେବ । ତାହା ହେଲେ ହିଁ ଏ ଅଞ୍ଚଳ ଲୋକ ଶିକ୍ଷିତ ହେବେ ଓ ଆର୍ଥିକ ବିକାଶ ହେବ । ଏହା ହିଁ ଆମ ପ୍ରାଥମିକତା ବୋଲି ସଦର ବ୍ଲକ କୁଟୁମଡୋଲା, ଝାଙ୍କରପାଲି ପଂଚାୟତରେ ଅନୁଷ୍ଠିତ ଜନ ଆଶିର୍ବାଦ ସଭାରେ ବଲାଙ୍ଗିର ବିଧାନସଭା ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଏହି ନିର୍ବାଚନୀ ସଭାରେ କଂଗ୍ରେସ ଦଳର ସାଂସଦ ପ୍ରାର୍ଥୀ ମନୋଜ ମିଶ୍ର କଂଗ୍ରେସ ହିଁ ସମାଜର ସବୁ ସ୍ତରର ଲୋକଙ୍କ ପାଇଁ କାମ କରିବ ବୋଲି ନିଜ ବକ୍ତବ୍ୟରେ କହିବା ସହ ବଲାଙ୍ଗିର ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଏତେ ଶିଖରକୁ ପହଂଚି ଯେ ଆମ ଲୋକ ବିଜେଡି ବିଜେପି ଦଳ ଓ ଏମାନଙ୍କ ଅପବିତ୍ର ଗଠବନ୍ଧନକୁ ପ୍ରତିରୋଧ କରିବା ପାଇଁ ଦୃଢ ନିଶ୍ଚିତ ହୋଇଛନ୍ତି । ସେ ଏହା ବି କହିଛନ୍ତି ଯେ ଆମ ଯୁବକମାନେ ବିଶେଷ ଭାବରେ ସରକାରଙ୍କ ବୈମାତୃକ ମନୋଭାବର ଶିକାର ହୋଇଛନ୍ତି ଏଣୁ ଆମର ଲକ୍ଷ୍ୟ ଆମର ଯୁବକମାନଙ୍କ ସ୍ୱାବଲମ୍ବି ଓ ରୋଜଗାରକ୍ଷମ କରିବ ବୋଲି ସାଂସଦ ପ୍ରାର୍ଥୀ ମନୋଜ ମିଶ୍ର କହିଥିଲେ । ସଭାରେ ଉପସ୍ଥିତ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଦଳର ଗ୍ୟାରେଣ୍ଟି ଉପରେ ଲୋକଙ୍କୁ କହିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ମିଛୁଆ ସରକାର ବୋଲି ଆକ୍ଷେପ କରିଥିଲେ । ଅନୁଷ୍ଠିତ ଜନ ଆଶିର୍ବାଦ ସଭାକୁ ସଦର ବ୍ଲକ ସଭାପତି ରାମ ପ୍ରସାଦ ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିଡିସିସି ବ୍ୟାଙ୍କ ସଭାପତି ସ୍ମାରକ ମିଶ୍ର, କୁଟୁମ୍ବଡ଼ୋଲା ସରପଞ୍ଚ ସୁସ୍ମିତା ସିଂଦେଓ ଓ ବିକାଶ ରଥ ପ୍ରମୁଖ ମଞ୍ଚାସୀନ ଥିଲେ ।

